# NATIONAL NEWS BULLETIN (ODIA)

## 12 May - 2025

## Evening Bulletin : 7.45 p.m.

********************************

## ମୁଖ୍ୟ ସମ୍ବାଦ

- ଭାରତ ଦ୍ୱାରା ଆରମ୍ଭ ହୋଇଥିବା ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ଆଉ କିଛି ସମୟ ପରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଭାରତର ଲଢ଼େଇ ପାକିସ୍ତାନ ସେନା ସହ ନୁହେଁ ବରଂ ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ ଯୋଗାଉଥିବା ଭିତ୍ତିଭୂମି, କହିଲେ ବାୟୁସେନା ଅପରେସନ୍ସ ମହାନିର୍ଦ୍ଦେଶକ ।
- ଭାରତୀୟ ନୌସେନା ଯେକୌଣସି ବିପଦକୁ ଚିହ୍ନଟ ଏବଂ ନିଷ୍କ୍ରିୟ କରିବା କ୍ଷେତ୍ରରେ ବିଶ୍ୱସନୀୟତା ବଜାୟ ରଖିଛି ବୋଲି ନୌସେନା କାର୍ଯ୍ୟାନୁଷ୍ଠାନ ମହାନିର୍ଦ୍ଦେଶକଙ୍କ ସୂଚନା ।

ଏବଂ

- ଭାରତ ପାକିସ୍ତାନ ଯୁଦ୍ଧ ବିରତି ବୁଝାମଣା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ୨ ହଜାର ୯୭୫ ପଏଣ୍ଟ ବୃଦ୍ଧି ସହ ୮୨ ହଜାର ୪୩୦ ପଏଣ୍ଟରେ ବନ୍ଦ ।

# ପିଏମ୍-ଆଡ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ କିଛି ସମୟ ପରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ । ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଶ୍ରୀ ମୋଦୀ ଏହି ସମ୍ବୋଧନ କରିବେ । ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୫ ଜଣ ଭାରତୀୟଙ୍କ ସମେତ ଜଣେ ନେପାଳୀ ନାଗରିକଙ୍କୁ ହତ୍ୟା କରାଯାଇଥିଲା । ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନରେ ବହୁ ଆତଙ୍କବାଦୀ ଏବଂ ସାମରିକ ଭିତ୍ତିଭୂମି ନଷ୍ଟ ହୋଇଛି ଏବଂ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି ।

ପୂର୍ବରୁ ଆଜି ଅପରାହ୍ଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ସ୍ଥିତ ତାଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ ଜେନେରାଲ୍ ଅନିଲ୍ ଚୌହାନ, ତିନି ସଶସ୍ତ୍ର ବାହିନୀର ମୁଖ୍ୟ  ଏବଂ ଅନେକ ବରିଷ୍ଠ ଅଧିକାରୀ ବୈଠକରେ ଯୋଗଦେଇଥିଲେ ।

# ନ୍ୟୁ ଡିଫେନ୍ସ ବ୍ରିଫିଂ

ବାୟୁ ସେନା ଅପରେସନ୍ସ ମହାନିର୍ଦ୍ଦେଶକ ଏୟାର୍ ମାର୍ଶାଲ୍ ଏ.କେ. ଭାରତୀ ଦୃଢ଼ତାର ସହ କହିଛନ୍ତି, ଭାରତର ଲଢ଼େଇ ପାକିସ୍ତାନ ସେନା ସହିତ ନୁହେଁ ବରଂ ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ ଯୋଗାଉଥିବା ଭିତ୍ତିଭୂମି । ସେ କହିଛନ୍ତି, ଏହା ଦୁଃଖର ବିଷୟ ପାକିସ୍ତାନ ସେନା ଆତଙ୍କବାଦୀଙ୍କୁ ସମର୍ଥନ କରି ଏ କ୍ଷେତ୍ରରେ ହସ୍ତକ୍ଷେପ କରିବାରୁ ଭାରତୀୟ ସଶସ୍ତ୍ର ବାହିନୀ ଜବାବ ଦେବାକୁ ବାଧ୍ୟ ହେଲା । ଦିଲ୍ଲୀରେ ଅପରେସନ୍ ସିନ୍ଦୂର ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇ ଏୟାର୍ ମାର୍ଶାଲ୍ ଭାରତୀ' ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ଭାରତୀୟ ସେନା, ଦେଶର ନାଗରିକ ଓ ସାମରିକ ଭିତ୍ତିଭୂମିକୁ କିପରି କ୍ଷତି କମାଇ ପାରିଥିଲା ସେ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ । ସେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ବହୁସ୍ତରୀୟ ଏବଂ ସମନ୍ୱିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମ୍ପର୍କରେ କହିଥିଲେ । ସେଗୁଡ଼ିକ ମଧ୍ୟରେ ଭାରତୀୟ ସ୍ଥଳ ସେନା, ଭାରତୀୟ ନୌସେନା ଏବଂ ଭାରତୀୟ ବାୟୁ ସେନାର ପ୍ରତିରକ୍ଷା ପ୍ରଣାଳୀ ଅନ୍ତର୍ଭୁକ୍ତ । ଶ୍ରୀ ଭାରତୀ କହିଛନ୍ତି, ଏହି ଦୃଢ଼ ବାୟୁ ପ୍ରତିରକ୍ଷା ଓ ଏହି ପ୍ରଣାଳୀ ଅନ୍ତର୍ଗତ ବହୁସ୍ତରୀୟ ବାୟୁ ପ୍ରତିରକ୍ଷା ସେନ୍‌ସନର୍ ଏବଂ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ରହିଛି ।

ଏୟାର୍ ମାର୍ସାଲ୍ ଭାରତୀ ସୂଚନା ଦେଇ କହିଛନ୍ତି, ପାକିସ୍ତାନ ଦ୍ୱାରା ନିୟୋଜିତ ଅନେକ ଡ୍ରୋନ୍ ଏବଂ ମାନବ ବିହିନ ଯୁଦ୍ଧ ବିମାନ ଗୁଡ଼ିକୁ

ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଯୁଦ୍ଧାସ୍ତ୍ର ଦ୍ୱାରା ପ୍ରତିହତ କରାଯାଇଥିଲା । ସେ କହିଛନ୍ତି, ଭାରତର ଯୁଦ୍ଧ ପ୍ରାମାଣିତ ପ୍ରଣାଳୀ ଗୁଡ଼ିକ ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି । ଏହି ଅବସରରେ ସେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ 'ଆକାଶ' ଉପରେ ମଧ୍ୟ ଆଲୋକପାତ କରିଥିଲେ । ଭାରତ ସରକାରଙ୍କ ପ୍ରତିରକ୍ଷା ବାହିନୀକୁ ବଜେଟ୍‌ରେ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା ଓ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଓ ଉପକରଣ ଅଧିଗ୍ରହଣ ନେଇ ସରକାରଙ୍କ ନୀତି ଗତ ଦଶନ୍ଧି ଧରି ଭାରତୀୟ ପ୍ରତିରକ୍ଷା ପ୍ରଣାଳୀକୁ ସଶକ୍ତ କରିବାରେ ସହାୟକ ହୋଇଛି ।

ଗତ ସପ୍ତାହରେ ଶତ୍ରୁ ବିପଦର ମୁକାବିଲା କ୍ଷେତ୍ରରେ ହାସଲ ହୋଇଥିବା ଫଳାଫଳ ସମ୍ପର୍କରେ ଏୟାର୍ ମାର୍ଶାଲ୍ ଭାରତୀ କହିଛନ୍ତି, ପାକିସ୍ତାନର ଚୀନ୍ ନିର୍ମିତ ପି.ଏଲ୍.-୧୫ କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କରିପାରିନଥିଲା । ମାନବବିହିନ ବାୟୁ ପ୍ରଣାଳୀକୁ ଖସାଇ ଦିଆଯାଇଥିଲା । ଶ୍ରୀ ଭାରତୀ କହିଛନ୍ତି, ଭାରତ ନୁର୍ ଖାନ୍ ଏୟାର୍ ବେଶ୍ ଏବଂ ରହିମ ୟାର୍ ଖାନ୍ ଏୟାର୍ ବେଶ୍ ଉପରେ ଆକ୍ରମଣ କରିବା ସହ ଶତ୍ରୁ ପକ୍ଷର ବିସ୍ତୃତ ସ୍ଥାନ ଗୁଡ଼ିକୁ ଟାର୍ଗେଟ୍ କରିଥିଲା । ଆମ ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଶତ୍ରୁ ପକ୍ଷର ଡ୍ରୋନ୍, ଲଢୁଆ ବିମାନ ଏବଂ କ୍ଷେପଣାସ୍ତ୍ରକୁ ବିଫଳ କରିଥିଲା । ଯାହାଫଳରେ ଭାରତୀୟ ପକ୍ଷର ସର୍ବନିମ୍ନ କ୍ଷତି ହୋଇଥିଲା । ଏ ସମ୍ପର୍କରେ ସୂଚନା ଦେଇ ସାମରିକ କାର୍ଯ୍ୟାନୁଷ୍ଠାନ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ୍ ରାଜୀବ ଘାଇ କହିଛନ୍ତି, ପୂର୍ବରୁ

ଆମ ସେନା ପ୍ରସ୍ତୁତ ରହିଥିଲେ, ପାକିସ୍ତାନୀ ବାୟୁସେନା ୯ ଏବଂ ୧୦ ମଇ ରାତିରେ ଭାରତୀୟ ବାୟୁ କ୍ଷେତ୍ର ଏବଂ ଅନ୍ୟାନ୍ୟ ସାମରିକ ପ୍ରତିଷ୍ଠାନ ଗୁଡ଼ିକୁ ଟାର୍ଗେଟ୍ କରିବାକୁ ଚେଷ୍ଟା କରିଥିଲା । ଭାରତ ପକ୍ଷରୁ ବହୁସ୍ତରୀୟ କାଉଣ୍ଟର ଡ୍ରୋନ୍ ଏବଂ ବାୟୁ ପ୍ରତିରକ୍ଷା ଗ୍ରୀଡ୍ ଦ୍ୱାରା ସେମାନଙ୍କୁ ପ୍ରତିହତ କରାଯାଇଥିଲା । ସେ ଦୃଢ଼ତାର ସହ କହିଛନ୍ତି, ପାକିସ୍ତାନ ପାଇଁ ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଭେଦ କରିବାର କୌଣସି ସୁଯୋଗ ନାହିଁ ।

**V/O-Rajib Ghai**

ସାମରିକ କାର୍ଯ୍ୟାନୁଷ୍ଠାନ ମହାନିର୍ଦ୍ଦେଶକ ଏହି ଅଭିଯାନରେ ବି.ଏସ୍.ଏଫ୍.ର ସହଯୋଗ ନେଇ ମଧ୍ୟ ପ୍ରଶଂସା କରିଥିଲେ । ଏହି ସାମରିକ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ କେନ୍ଦ୍ର ସରକାର, ବିଭିନ୍ନ ବିଭାଗ ଏବଂ ସଂସ୍ଥା ତଥା ଦେଶର ୧୪୦ କୋଟି ଲୋକଙ୍କ ପୂର୍ଣ୍ଣ ସମର୍ଥନ ରହିଥିଲା ।

ନୌସେନା କାର୍ଯ୍ୟାନୁଷ୍ଠାନ ମହାନିର୍ଦ୍ଦେଶକ ଭାଇସ୍ ଆଡମିରାଲ୍ ଏ.ଏନ୍. ପ୍ରମୋଦ ଏକ ବିବୃତ୍ତିରେ କହିଛନ୍ତି, ନୌସେନା ଏକ ମିଳିତ ଫୋର୍ସ୍ ଭାବେ କାର୍ଯ୍ୟ କରେ ଯାହା ଏକ ସମୟରେ ସମସ୍ତ କ୍ଷେତ୍ରରୁ ସୃଷ୍ଟି ହେଉଥିବା ବିପଦରୁ ମୁକାବିଲା କରିବାରେ ସକ୍ଷମ । ଏକାଧିକ ସେନ୍‌ସର୍ ଏବଂ ଇନ୍‌ପୁଟ୍ ବ୍ୟବହାର କରି ଭାରତୀୟ ନୌସେନା ବିପଦ ଗୁଡ଼ିକୁ ନିଷ୍କ୍ରିୟ କରିବା କ୍ଷେତ୍ରରେ ନିରନ୍ତର ନରୀକ୍ଷଣ ବଜାୟ ରଖିଛି ।

ସେ ସୂଚନା ଦେଇ କହିଛନ୍ତି, ନୌସେନାର ବିମାନ ବାହକ, ଯୁଦ୍ଧ ଜାହଜ ଏବଂ ବହୁ ସଂଖ୍ୟକ ମିଗ୍-୨୯ କେ. ଲଢୁଆ ଏବଂ ଏୟାର୍ ବର୍ଣ୍ଣ

ପ୍ରାରମ୍ଭିକ ଚେତାବନୀ ହେଲିକପ୍ଟର ସହିତ ଉପସ୍ଥିତି ଶତ୍ରୁ ବିମାନକୁ କିଛି ଶହ କିଲୋମିଟର ମଧ୍ୟରେ ରୋକିବାରେ ସଫଳ ହୋଇଥିଲା । ସେ କହିଛନ୍ତି, ପହଲଗାମ୍ ଆତଙ୍କବାଦୀ ଘଟଣା ପରେ ଭାରତୀୟ ନୌସେନା କ୍ରସ୍ ପ୍ଲାଟଫର୍ମ ସହଯୋଗ ବ୍ୟବସ୍ଥା ବ୍ୟବହାର କରି ଏକ ଜଟିଳ ବିପଦ ପରିବେଶରେ ଏହାର କ୍ଷେପଣାସ୍ତ୍ର ବିରୋଧୀ ଏବଂ ବିମାନ ବିରୋଧୀ ପ୍ରତିରକ୍ଷା କ୍ଷମତା ସୃଷ୍ଟି କରିଥିଲା । ଭାଇସ୍ ଆଡମିରାଲ୍ ପ୍ରମୋଦ କହିଛନ୍ତି, ନୌସେନାର ଶକ୍ତିଶାଳୀ ବ୍ୟାଟେଲ୍ ଗ୍ରୁପ୍ ଭୟଙ୍କର ଆକ୍ରମଣାତ୍ମକ କ୍ଷମତା ସହିତ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିଛି । ଏହା ପାକିସ୍ତାନୀ ବାୟୁସେନାକୁ ମକରନ୍ ଉପକୂଳରୁ ଆଗକୁ ଆସିବାକୁ ଦେଇନଥିଲା ଏବଂ ସାମୁଦ୍ରିକ କ୍ଷେତ୍ରରେ  ବିପଦର ସମସ୍ତ ସୁଯୋଗକୁ ନିଷ୍କ୍ରିୟ କରିଥିଲା । ସେ ଦୃଢ଼ତାର ସହ କହିଛନ୍ତି, ଭାରତୀୟ ନୌସେନା ସମୁଦ୍ରରେ ଏହାର ୟୁନିଟ୍ ଗୁଡ଼ିକୁ ଯେକୌଣସି ବିପଦକୁ ଚିହ୍ନଟ ଏବଂ ନିଷ୍କ୍ରିୟ କରିବା କ୍ଷେତ୍ରରେ ବିଶ୍ୱସନୀୟତା ବଜାୟ ରଖିଛି ।

## ଏୟାରପୋର୍ଟ ଅପରେସନ-ରିଜ୍ୟୁମ

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ବୁଝାମଣା ହେବାପରେ ବେସାମରିକ ବିମାନ କାର୍ଯ୍ୟାନୁଷ୍ଠାନ ପାଇଁ ସାମୟିକ ଭାବେ ବନ୍ଦ ଥିବା ୩୨ଟି ବିମାନ ବନ୍ଦରକୁ ଖୋଲାଯାଇଛି । ପୂର୍ବରୁ ଚଳିତମାସ ୧୫ ତାରିଖ

ପର୍ଯ୍ୟନ୍ତ ଏହିସବୁ ବିମାନବନ୍ଦରଗୁଡ଼ିକୁ ବନ୍ଦ ରଖାଯାଇଥିଲା । ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ପକ୍ଷରୁ ଏକ ବିବୃତ୍ତିରେ ଯାତ୍ରୀମାନଙ୍କୁ ନିଜନିଜ ବିମାନ ସ୍ଥିତି ସମ୍ପର୍କରେ ଏୟାରଲାଇନ୍ସର ୱେବ୍‌ସାଇଟ ସହ ନିୟମିତ ଯୋଗାଯୋଗରେ ରହିବା ଲାଗି ପରାମର୍ଶ ଦିଆଯାଇଛି ।

## ଇଣ୍ଡିଆ-ମାଲଦୀପ୍ ସପୋର୍ଟ୍

ମାଲଦୀପର ଆର୍ଥିକ ସଂସ୍କାର ଓ ଅର୍ଥନୈତିକ ସ୍ଥିରତା ପାଇଁ ରାଜକୋଷର ୫୦ ମିଲିୟନ୍ ଡଲାର୍ ଅର୍ଥରାଶି ପ୍ରଦାନ କରିଥିବାରୁ ମାଲଦୀପ ଭାରତକୁ କୃତଜ୍ଞତା ଜଣାଇଛି । ମାଲଦୀପର ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ଖାଲିଲ୍ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ କହିଛନ୍ତି, ଭାରତର ସମୋୟୋଚିତ ଆର୍ଥିକ ସହାୟତା ସେ ଦେଶର ଆର୍ଥିକ ସଂସ୍କାରରେ ସୁଧାର ଆଣିବା ସହ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ପ୍ରତିଫଳନ କରୁଛି । ଭାରତର ଏହି ଆର୍ଥିକ ସହାୟତା ପାଇଁ ମାଲଦୀପକୁ କୌଣସି ସୁଧ ଦେବାକୁ ପଡ଼ିବ ନାହିଁ । ୨୦୧୯ ମସିହା ମାର୍ଚ୍ଚ ମାସରୁ ଭାରତ ମାଲଦୀପକୁ ବାର୍ଷିକ ସହାୟତା ରାଶିର ସମ୍ପ୍ରସାରଣ ସ୍ୱରୂପ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଟ୍ରେଜେରି ବିଲ୍ ଜରିଆରେ ଏହି ଜରୁରୀକାଳୀନ ସହାୟତା ରାଶି ଯୋଗାଇ ଆସୁଛି ।

ମାଳଦୀପ ହେଉଛି ଭାରତର ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ ଦେଶ । ଯାହାକୁ ଭାରତ ପଡ଼ୋଶୀ ପ୍ରଥମ ନୀତିରେ ଅନ୍ତର୍ଭୁକ୍ତ କରିପାରିଛି । ଭିଜନ ମହାସାଗର ନୀତି ଅନୁଯାୟୀ ଭାରତ ମାଳଦୀପ ସହିତ ପାରସ୍ପରିକ ବୁଝାମଣା, ସୁରକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଓ ଏ ଅଞ୍ଚଳର ବିକାଶ ଚାହୁଁଛି । ଚଳିତ ବର୍ଷ ଭାରତ ମାଳଦୀପକୁ କିଛି ଅତ୍ୟାବଶ୍ୟକ ସାମଗ୍ରୀ ରପ୍ତାନୀ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ଭାରତ ଆଶାବ୍ୟକ୍ତ କରିଛି ।

## ଷ୍ଟକ୍

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ଚୁକ୍ତି ଏବଂ ଆମେରିକା ଓ ଚୀନ୍ ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଘୋଷଣା ଯୋଗୁଁ ଆଜି ଭାରତୀୟ ଷ୍ଟକ୍ ବଜାରରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଛି । ଉଭୟ ଘରୋଇ ଇକ୍ୟୁଟି ସୂଚକାଙ୍କ ଚଳିତ ବର୍ଷର ସର୍ବୋଚ୍ଚ ସ୍ତରରେ ବନ୍ଦ ହୋଇଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ୨ ହଜାର ୯୭୫ ପଏଣ୍ଟ ବୃଦ୍ଧି ପାଇ ୮୨ ହଜାର ୪୩୦ରେ ବନ୍ଦ ହୋଇଛି । ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୯୧୭ ପଏଣ୍ଟ ବୃଦ୍ଧି ପାଇ ୨୪ ହଜାର ୯୨୫ରେ ବନ୍ଦ ହୋଇଛି ।

# ପିଏମ୍-ଆକ୍ସିଡେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛତିଶଗଡ଼ ରାଇପୁରରେ ଘଟିଥିବା ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ଦୁଃଖ ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମୃତ ବ୍ୟକ୍ତିମାନଙ୍କ ପରିବାରର ସମ୍ପର୍କିୟମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛି । ଆହତ ବ୍ୟକ୍ତିବିଶେଷଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ସେମାନଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି ।

# ଏନ୍‌ଡିଏମ୍‌ଏ-ଆଡଭାଇଜରୀ

କୌଣସି ଅଜଣା ବିସ୍ଫୋରଣକ୍ଷମ ସାମଗ୍ରୀକୁ ସ୍ପର୍ଶ ନ କରିବାକୁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏନ୍.ଡି.ଏମ୍.ଏ. ଜନସାଧାରଣଙ୍କୁ ପରାମର୍ଶ ଦେଇଛି । ଏ ସଂକ୍ରାନ୍ତରେ ଏକ ମାର୍ଗଦର୍ଶିକା ଏନ୍.ଡି.ଏମ୍.ଏ. ଜାରି କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏନ୍.ଡି.ଏମ୍.ଏ. କହିଛି, ଏହିଭଳି ସାମଗ୍ରୀ କ୍ଷତି ପହଞ୍ଚାଇବା ସହ ମୃତ୍ୟୁର କାରଣ ହୋଇପାରେ । ଯଦି ସେଭଳି କୌଣସି ସନ୍ଦେହଜନକ ସାମଗ୍ରୀ

ଦୃଷ୍ଟିଗୋଚର ହୁଏ, ତେବେ ସଙ୍ଗେ ସଙ୍ଗେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସୂଚନା ପ୍ରଦାନ କରିବାକୁ ଏନ୍.ଡି.ଏମ୍.ଏ. ପରାମର୍ଶ ଦେଇଛି ।